# ତପସ୍ୱିନୀ

ଗଙ୍ଗାଧର ମେହେର

## ପ୍ରଥମ ସର୍ଗ

## ସୀତା

09 August 2009

(Last updated: ୧୬ ଫେବୃୟାରି ୨୦୧୦)
http://www.iopb.res.in/˜somen/GMeher

କିଏ ଗୋ ତୁ ଜ୍ୟୋତିର୍ମୟୀ ଶୁଦ୍ଧ-ଶୁଭ୍ର-ବେଶା ।
ଇନ୍ଦ୍ରନୀଳ-ଦ୍ୟୁତି-ଜିତ ମନୋହର କେଶା ?

ତନୁକାନ୍ତି ଭେଦି ତୋର ଶୁଭ୍ର ସୂକ୍ଷ୍ମ ବାସ
ଆହ୍ଲାଦ ଦେଉଛି ହୃଦେ ହୋଇ ସୁପ୍ରକାଶ ।

କୌମୁଦୀ କି ଘନ ହୋଇ ବହିଛୁ ଶରୀର ?
କେଶଛଳେ ଚରଣେ ତୋ ଲୋଟୁଛି ତିମିର ।

ସୁବିରଳ ସମୁଜ୍ଜ୍ୱଳ ଚାରୁ ତାରାଗ୍ରହ
ମଣ୍ଡିଛନ୍ତି ରତ୍ନଭୂଷାରୂପେ ତୋ ବିଗ୍ରହ ।

ଅସଂଖ୍ୟ ଧବଳ ପୁଷ୍ପହାର ଶୋଭେ ଗଳେ,
ଗ୍ରଥିତ ହୋଇଛି ସବୁ ଅଦ୍ଭୁତ କୌଶଳେ ।

ଶ୍ରୀଅଙ୍ଗ-ସୌରଭେ ମୁଗ୍ଧ ହେଉଛି ଜଗତ,
ପ୍ରଫୁଲ୍ଲତା ହେଉଅଛି ପ୍ରାଣେ ଉପଗତ ।

କି ତାଳୁନ୍ତୁ କରେ ଧରି ଲୋକେ କରି ପାନ
ଦୈବତ ସଦୃଶ ହେଉଛନ୍ତି ତେଜୀୟାନ ।

କି ମନ୍ତ୍ର ଦେଉଛୁ ପୁଣି ବାଛି ବାଛି ଲୋକ,
ତମନାଶି ସୃଜୁଛନ୍ତି ସେମାନେ ଆଲୋକ ।

ପଦାଙ୍କେ ତୋ ଫୁଟୁଅଛି ଶ୍ୱେତ ଶତଦଳ,
କୌମୁଦୀ ବୋଲିବା ତେଣୁ ନୋହୁଛି ସଫଳ ।

ଦରିଦ୍ରତା-ପଙ୍କ ପୂର୍ଣ୍ଣ ମୋ' ଜୀବନ-ସର
ଜଞ୍ଜାଳ-ଜଳଦ-ଜଳେ ଆବିଳ ଉଦର ।

ଶରଦ ସଦୃଶ ତୋତେ କରି ଦରଶନ ।
ହୋଇଯାଉଅଛି ସେ ତ ସ୍ୱତଃ ପରସନ୍ନ ।

ବିକଶିତ ହେଉଅଛି ହୃଦୟ-କମଳ,
ସତେ କି ପାଇଲା ଦେବି, ତୋ ପଦ-ସମ୍ବଳ ?

ପୟର-ସ୍ମରଣେ ପ୍ରାଣ ହେଲାଣି ମୋହିତ,
ଇଚ୍ଛାମତେ କର ଯାହା ବିଚାରୁ ବିହିତ ।

ବାଲମୀକି ଆଶ୍ରମକୁ ଧାଇଁଅଛି ମନ,
କରିବାକୁ ନିର୍ବାସିତା ସୀତାଙ୍କୁ ଦର୍ଶନ ।

କେମନ୍ତେ ସେ କଲେ ଜୀର୍ଣ୍ଣ ହୃଦୟ ସୀବନ ?
କାହା ସଙ୍ଗେ କେମନ୍ତେ ବା ଯାପିଲେ ଜୀବନ ?

କୃପା ବହି କୃପାମୟୀ, ଶକ୍ତି ଦାନ କର
ପବିତ୍ର ହେଉ ମୋ ମନ ଦେଖି, ଲେଖି କର ।

ବହୁଅଛି ଭାଗୀରଥୀ ବିପିନ ଭିତରେ
ତାଡ଼ି ତାଡ଼ି ତରଙ୍ଗ ତା ପଶ୍ଚିମ ତଟରେ ।

ବନ ଦୃଶ୍ୟ ଦେଖିବାକୁ ହୋଇ ଅଗ୍ରସର
ବିକଳ ଜୀବନେ ଯେହ୍ନେ ଚାଳୁଛି ପୟର ।

ସେହି କୂଳେ ବଇଦେହୀ ଗାଢ଼ ମନୋଦୁଃଖେ
ଉଭାହୋଇ ଚାହୁଁଥିଲେ ପୂର୍ବ ଅଭିମୁଖେ ।

ଅବିରଳ ବହି ତାଙ୍କ ନେତ୍ର-ନୀର-ଝର
ଅବିରତ ପଡୁଥିଲା ବକ୍ଷର ଉପର ।

ଉଠି ଯେହ୍ନେ ଜଳଧର ପଶ୍ଚିମ-ଆଶା ରେ
ଅସ୍ତାଚଳ ପ୍ଲାବିଦିଏ ଅଜସ୍ର-ଆସା ରେ ।

କରୀନ୍ଦ୍ର-କର-ଶୀକର ସରସୀ-ଉରସେ
ପଡ଼ି, ସିକ୍ତ କରେ କିମ୍ବା ପ୍ରଦୋଷ-ସାରସେ ।

'ହା ନାଥ' ଉଚ୍ଚାରି ଦେବୀ ବ୍ୟାକୁଳେ କୋମଳେ
ଅବଶରେ ବସୁଁ ବସୁଁ ବସୁନ୍ଧରାତଳେ ।

ସଂଜ୍ଞାବିରହିତ ହୋଇ ପଡ଼ିଲେ ଉତ୍ତାନେ
ନ ଥିଲେ ଧରିବା ପାଇଁ କେହି ସନ୍ନିଧାନେ ।

ଶତ ଶତ ସେବିକା ଯା ସେବୁଥିଲେ ପଦ
ଜଣେ ନ ଦେଖିଲେ ତାଙ୍କ ଦାରୁଣ ଆପଦ !

ଅହୋ ! ନିୟତିର ଏହି ଭୟଙ୍କରୀ ରୀତି
ଦେଖିଲେ କାହାର ହୃଦେ ନ ଆସିବ ଭୀତି ?

ତା ଚାହିଁ ବିହଙ୍ଗ-ମୁଖେ କାନ୍ଦିଲା ସେ ବନ
ବହିଲା ନିଃଶ୍ୱାସରୂପେ ପ୍ରଖର ପବନ ।

ଶୁଭିଲା ପ୍ରଶ୍ୱାସରୂପେ ସରସର ସ୍ୱର
କାରୁଣ୍ୟ-ଲହରୀ ପ୍ରାୟେ ଚଳିଲେ ପତର ।

ଏ ଦିଗେ ସେ ଦିଗେ ଚାହିଁ ଚକିତ ଲୋଚନେ
ମୃଗମାନେ ରହିଗଲେ ବିଚଳିତ ମନେ;

ଜନନୀ-ରୋଦନ ଚାହିଁ ନ ବୁଝି ତା ମାନେ
ବ୍ୟସ୍ତ ଯଥା ହୋଇଥାନ୍ତି ତା ସନ୍ତାନମାନେ ।

କରିବାକୁ ନିୟତିର ସହିତ ସମର,
ତୃଣରାଜ ଖଣ୍ଡକରେ ଗର୍ଜିଲା ପ୍ରଖର ।

ବାୟାବସା ତୃଣୀରକୁ ଝାଡ଼ି ବାରମ୍ବାର
ପକ୍ଷ-କଙ୍କପକ୍ଷ କଲା କି ଅବା ବାହାର ।

କମ୍ପିତ-ସରିତ ବୀଚି-ଉତ୍‌ଥିତ ଶୀକର ।
ପଡ଼ିଲା ପୁଲିନେ ତେଜି ତରଙ୍ଗ-ଶିଖର ।

ଭରି କି ସୀସକ-ଗୁଳି ତରଙ୍ଗର ତୋପେ
ନିୟତିକି ଭାଗୀରଥୀ ପ୍ରହାରିଲା କୋପେ ?

କମଳ ସକଳ ହୋଇ ବିଚଳିତ ସରେ
ପଦ୍ମ-ବ୍ୟୂହ ରଚି ଯୁଦ୍ଧ କଲେ ଅଳିଶରେ ।

ବନଫୁଲେ ବୃନ୍ତ ତେଜି ଭୂମିତଳେ ପଡ଼ି
ଧୂଳି ମାଖି ମଲ୍ଲଯୁଦ୍ଧେ ହେଲେ ଗଡ଼ାଗଡ଼ି ।

ଲତା ଲୂତା-ତନ୍ତୁ-ରୂପ ନିୟତି-ବନ୍ଧନ ।
ଛିନ୍ନ କରି କ୍ରୋଧଭରେ କଲା ଆସ୍ଫାଳନ ।

ବ୍ୟାହତ ହୃଦୟ୍ ଶୀର୍ଣ୍ଣ ଶରୀର ବାଦଲ
ଦଉଡ଼ି ଆସିଲା କୋପେ ଘେନି ଦଳବଳ;

ଚକ୍ଷୁ ଚମକାଇ, କରି ଗଭୀର ଗର୍ଜନ
ଦେଖାଇଲା ନିୟତିର ଉପରେ ତର୍ଜନ ।

ସତୀ-ମୁଖେ ସୁଶୀତଳ ବିନ୍ଦୁ ବିନ୍ଦୁ ପାଣି
ସିଞ୍ଚି ସିଞ୍ଚି ଜୀବନରେ ସଂଜ୍ଞା ଦେଲା ଆଣି ।

ସାଧ୍ୱୀ କୁଳବଧୂଙ୍କର ଦୁର୍ବିପାକ ଚାହିଁ
ଲଜ୍ଜାଭରେ ଭାନୁ ଦେଲେ ବଦନ ଲୁଚାଇ ।

ଦିଗ୍‌ବଧୂସକଳ ବସି ବିଷଣ୍ଣ ବଦନେ-
ନଭ ବିକମ୍ପିତ କଲେ ସ୍ୱନିତ ରୋଦନେ ।

ସଂଜ୍ଞା ଲଭି ମହାଦେବୀ କେତେ କାଳ ପରେ
ଅନାଇଲେ ଦଶ ଦିଶ ନିରାଶେ କାତରେ ।

ଦିଶିଲା ସକଳ ଦିଗ ରାମଚନ୍ଦ୍ରମୟ୍;
ବସିଛନ୍ତି ପ୍ରଭୁ ହୋଇ ବିଷଣ୍ଣ ହୃଦୟ୍ ।

ଯୁଗ୍ମକରେ ଆଗେ ଉଭା ସୁଧୀର ଲକ୍ଷ୍ମଣ,
ହୋଇଛି ଦୁହିଁଙ୍କ ନେତ୍ର ଲୋତକ-ଝରଣ ।

ନ ପାରନ୍ତି ପୁଛି ରାମ ସୀତାର ଖବର
କହିବାକୁ ବାକ୍ୟ ସ୍ଫୁରୁ ନାହିଁ ଲକ୍ଷ୍ମଣର ।

ରବି କି ଚାହାଁନ୍ତେ, ରବି-କୋଳେ ରଘୁନାଥ
ନତମୁଖେ ବସିଛନ୍ତି ଶିରେ ଦେଇ ହାତ ।

ଦିଶିଲା ପଡ଼ନ୍ତେ ନେତ୍ର ଭାଗୀରଥୀ ପ୍ରତି
ଚାଲିଛନ୍ତି ଭଗୀରଥ ପଛେ ରଘୁପତି ।

ଗଙ୍ଗାଧର ସମ ରାମନେତ୍ର-ଜଳ-ରାଶି
ତହିଁ ଯା'ନ୍ତି ରାମ ଥରେ ମଜ୍ଜି, ଥରେ ଭାସି ।

ଫେରାଇ ତହିଁରୁ ସତୀ ଗର୍ଭେ ଦେଇ ଦୃଷ୍ଟି
ଅନର୍ଗଳ ଧାରେ ନିଜେ କଲେ ଅଶ୍ରୁବୃଷ୍ଟି ।

ଶ୍ୟାମଦୂର୍ବା ଚାହିଁ ସୀତା ହୋଇ ସଙ୍କୁଚିତ
ପାଷାଣକୁ ଯିବାପାଇଁ ବଳାଇଲେ ଚିତ୍ତ ।

ନ ଗଲେ ତେଣିକି ମଧ୍ୟ ମନରେ କି ଭାଳି;
ନ ପାରିଲେ ରୋଦନର ଆବେଗ ସମ୍ଭାଳି ।

ଆରତ ବିକଳ ସ୍ୱରେ ବିଦଗ୍ଧ ଲପନେ
ବନ ସ୍ତବ୍ଧ କରିଦେଲେ ଘୋର ବିଳପନେ ।

ବୋଲୁଥାନ୍ତି ସେ ଦୁଃଖିନୀ 'ହା ହା ପ୍ରାଣେଶ୍ୱର !'
କରୁଣା-ସରିତ-ପତି, ସ୍ନେହ-ଜଳଧର ।

କି କୁଲଗ୍ନେ ଧରିଥିଲ ଅଭାଗିନୀ କର,
ତା' ଲାଗି ଆଳୟ ହେଲା ଦାରୁଣ ଦୁଃଖର ।

ନ ଜାଣି ମୁଁ ପ୍ରଭୁଙ୍କର ପ୍ରଭୂତ ମହିମା,
ଧନୁଟିଏ ରଖିଥିଲି ଆବରି ଗରିମା ।

ଭାଙ୍ଗିଦେଇ ସେ ଧନୁକୁ ଇକ୍ଷୁ-ଦଣ୍ଡ ପରି
ତା' ରସ-ମାଧୁର୍ଯ୍ୟ ମୋତେ ଥିଲ ମନେକରି ।

କାନନ-ଭ୍ରମଣେ ପଦ-ଶୃଙ୍ଖଳ ନ ମଣି
ସ୍ନେହେ ସଙ୍ଗେ ନେଲ ମୋତେ ବୀର-ଚୂଡ଼ାମଣି ।

ପଦ-ଶାଙ୍କୁଳିକୁ କରି ହୃଦୟର ହାର,
କଲ ପୁଣ୍ୟ-ତୀର୍ଥ ପୁଣ୍ୟ-ଆଶ୍ରମ ବିହାର ।

କେତେ ସ୍ନେହ ଢାଳୁଥିଲ ମୋ ଉପରେ ବନେ,
କେମନ୍ତେ ଭୁଲିବି ତାହା ଭେଦିଛି ଜୀବନେ ।

ଛାର ଦାସୀ ହେବ ବଲି କ୍ଷୁଧାରେ ଆକୁଳ,
ଗହନେ ସହଳ ଆଣୁଥିଲ ଫଳମୂଳ ।

ପଲ୍ଲବ-ଆସନେ ସୁପ୍ତି ହେବ ନାହିଁ ବୋଲି,
ଅଙ୍କ-ପଲଙ୍କେ ତା' ପାଇଁ ସାଜୁଥିଲ ଦୋଳି ।

ଛାର ମୋର ସ୍ନେହେ ପଡ଼ି ଲଙ୍ଘି ମହାର୍ଣ୍ଣବ
ଦଶବଦନର ସଙ୍ଗେ କଲ ମହା-ହବ ।

ସହିଲ ତହିଁରେ କେତେ ମହାସ୍ତ୍ର-ପ୍ରହାର
ମଣୁଥିଲ ତା' କ୍ଷତକୁ ହୃଦୟର ହାର ।

ସେ ହାର-ପଦକ ପାଇଁ ଉପଯୁକ୍ତ ମଣି
ମୋତେ ରଖୁଥିଲ ତହିଁ କରି ମଧ୍ୟମଣି ।

କ୍ଷତଚିହ୍ନ ଚାହିଁ ମୋର କ୍ଷୋଭ ହେଲେ ମନେ
ତୋଷୁଥିଲ ସଦା ସୁଧା-ପୂରିତ ବଚନେ ।

ବୋଲୁଥିଲ, 'ରଣଯଜ୍ଞେ ଦେଇ ରକ୍ତାହୁତି,
ଲଭିଅଛିପରା ତୋତେ ଦୁର୍ଲଭ ବିଭୂତି !'

ମେଣ୍ଟି ନାହିଁ ଅଦ୍ୟାପି ସେ ଶର-ମୁଖ-ଚିହ୍ନ
ମୁହିଁ ଅଭାଗିନୀ ହାୟ ହୋଇଗଲି ଭିନ୍ନ !

ମୋ ସ୍ମୃତି ମେଣ୍ଟାଇଦେବ ହୃଦୟ-ଫଳକେ;
ତା' ନ କଲେ ଦୁଃଖ ହେବ ପଲକେ ପଲକେ ।

ମୁଁ କି ଛାର, ହେଉ ତୁମ ପ୍ରକୃତି-ରଞ୍ଜନ
ମୁଁ ମରେଁ, ତୁମ୍ଭର ହେଉ କଳଙ୍କ-ଭଞ୍ଜନ ।

ଏଥିରୁ ଜନ୍ମିବ ଯେଉଁ ଅକ୍ଷୟ କୀରତି,
ହୃଦେ ରଖ, ଗଢ଼ି ତାର ଅଲୟ ମୂରତି ।

ବଂଶର ଜନକ ତୁମ୍ଭ ଏହି ଦିବାକର
ଭୁବନ-ମଙ୍ଗଳ-ଦାନେ ସଦା ମୁକ୍ତକର ।

ଧରା-ଧାତ୍ରୀ-ସ୍ୱରୂପିଣୀ ଏହି ଭାଗୀରଥୀ
ତୁମ୍ଭରି ବଂଶର ଚିର-ବିଖ୍ୟାତ କୀରତି ।

କୀର୍ତ୍ତି-ଅନୁରୋଧେ ସିନା କଲ ମୋତେ ତ୍ୟାଗ,
ଏ ତୁମ୍ଭର ଉପଯୁକ୍ତ କର୍ମ ମହାଭାଗ !

ଏହି କୀର୍ତ୍ତି-ପତାକାରେ ପାପିନୀର ଚିହ୍ନ
ରହିଯିବ, ଏହା କିନ୍ତୁ ବିଷମ ବିଚିହ୍ନ !

ଧିକ ମୋ ଜୀବନ ନାଥ ! ଏକା ମୋହ ଲାଗି
ଅକଳଙ୍କ ଥାଇ ହେଲ ଅପଯଶ-ଭାଗୀ ।

ତୁମ୍ଭ ଶ୍ରୀଚରଣ ତେଜି କାହିଁରେ ରହିବି ?
ଅନଳ ନ ଦହେ ତନୁ; କାହିଁରେ ଦହିବି ?

ତୁମ୍ଭ କାନ୍ତି ଧରିଛନ୍ତି ଏହି ଦୂର୍ବାଚୟ;
ତାଙ୍କୁ ଛାଡ଼ି ବନେ ନେବି କାହାର ଆଶ୍ରୟ ?

ପାଷାଣେ ଫଳିତ ହୁଏ ତୁମ୍ଭ ଅନୁଗ୍ରହ;
ମୋତେ ଘେନି କାହିଁକି ସେ ଲଭିବେ ନିଗ୍ରହ ?

ଗର୍ଭେ ମୋର ଥୋଇଅଛ ଯେ ରତ୍ନନିଧାନ,
ନ କହିଲ ତା' ରକ୍ଷଣେ କି ପ୍ରତିବିଧାନ ।

ଦୃଢ଼ ଆଶା ଥିଲା ମୋର ହୃଦୟେ ପୋଷିତ,
ପ୍ରଭୁକୋଳ କରିଥାନ୍ତି ଏ ରତ୍ନେ ଭୂଷିତ ।

ଆକାଶ-କୁସୁମ ହେଲା ଆଶା-ପରିଣାମ
ଧନ୍ୟ ରେ ଦଇବ ତୋତେ ସହସ୍ର ପ୍ରନାମ !

ପିତା ଯା'ର ମହାରାଜ-ମହୀ-ମହାଯଶା,
କି କରିବୁ ବିଧି ତାଙ୍କ କୁମରର ଦଶା !

ଗିରି-ଅଙ୍ଗେ ହୁଏ ସିନା ବଜ୍ରର ପ୍ରହାର;
ହା ହା ତହିଁ ସଙ୍ଗେ ଗିରିବାସୀର ସଂହାର ।

ଧନ୍ୟ ନାଥ, ମୁଖ ତୁମ୍ ପୀୟୁଷ-ନିର୍ଝର;
ହୃଦୟାଦ୍ରି ସୁଧା-ହିମଶିଳାର ଆକର ।

ହେଲେହେଁ ସେ ହୃଦୟରେ ସନ୍ତାପ ପତିତ,
ଅନ୍ୟ ନ ବାହାରେ ମୁଖେ ଅମୃତ ବ୍ୟତୀତ ।

ସହସା ଶୁଣିଲ ମୋର ଅପବାଦ କଥା,
ଅବଶ୍ୟ ହୃଦୟେ ଲାଗିଥିବ ମହାବ୍ୟଥା ।

ତଥାପି ନ କହି ପଦେ ନିଦାରୁଣ ଭାଷା
ତ୍ୟାଗକଲ ଦେଇ ମୋତେ ମଧୁମୟୀ ଆଶା ।

ମୋ ଅର୍ଜିତ ପାପ ମୋର ଦୁଃଖର କାରଣ,
ସେହି ପାପ ଏବେ ମୋର ହେଉଛି ସ୍ମରଣ ।

ମହିମାସାଗର ନାଥେ ମଣି ମୁଁ ଇତର
'ହାହି ରେ ଲକ୍ଷ୍ମଣ' ରାବ ମଣିଲି ତାଙ୍କର ।

ନୀଚ ମନେ ଲକ୍ଷ୍ମଣଙ୍କୁ କରି ନୀଚ ଜ୍ଞାନ
ବଳାତ୍କାରେ ପଠାଇଲେ ପ୍ରଭୁ-ସନ୍ନିଧାନ ।

ସେହି ପାପେ ସେ ନାଥଙ୍କ ମହିମା ବର୍ଦ୍ଧନ
ଲାଗି ହେଲା ପାପିନୀର ଚିର ବିସର୍ଜନ !

ଦୋଷହୀନ ଲକ୍ଷ୍ମଣଙ୍କୁ ଯେଉଁ ତିରସ୍କାର
ଦେଇଥିଲି, ପାଇଲି ତା' ଯୋଗ୍ୟ ପୁରସ୍କାର ।

ଲକ୍ଷ୍ମଣଙ୍କୁ କରିବାକୁ ମୋ ନିକଟୁ ଦୂର,
ହୃଦେ ତାଙ୍କ ମାରିଥିଲି ବଚନ-ଭିଦୁର ।

ଭକ୍ତିଭରେ ସେ ଲକ୍ଷ୍ମଣ ପଡ଼ି ମୋ ଚରଣେ
ଦୂର କରିଦେଲେ ମୋତେ ବିନୟ ବଚନେ ।

ଛିନ୍ନ ଶିରଟିଏ ଆଣି ପାପୀ ଦଶାନନ
ମୋ ପାପ-ନୟନ-ଅଗ୍ରେ କଲା ପ୍ରଦର୍ଶନ ।

ସ୍ୱାମୀଙ୍କର ଛିନ୍ନ ଶିର ବୋଲି ମୁଁ ଅଧୀରେ
କାନ୍ଦିଲି ବିକଳ ପ୍ରାଣେ ଭାସି ନେତ୍ରନୀରେ ।

ସେ ଶିର ଅନାଇ ଯାହା ନ ମଲି ବହନ,
ସେହି ପାପେ ହେଲି ଏବେ ଜୀବନ୍ତ ଦହନ ।

ତୁମ୍ ପଦ-ସେବା-ସୁଖ ମଣି ମୁଁ ଉଶ୍ୱାସ
ଆଶ୍ରମ-ଦର୍ଶନ-ସୁଖ କଲି ଅଭିଳାଷ ।

ସେହି ପାପ ଶ୍ରୀଛାମୁରୁ କରାଇ ଅନ୍ତର
ବୋଲୁଛି, 'ପାପିନି, ଯାହା ଇଚ୍ଛା ତାହା କର ।'

ଅଯୋଧ୍ୟାର ରାଜଲକ୍ଷ୍ମୀ-ପୀରତିରେ ବଶ
ନ ହୋଇ ମୋ ସଙ୍ଗେ ଥିଲ ବହୁତ ଦିବସ ।

ଅସୂୟାରେ ରାଜଲକ୍ଷ୍ମୀ ଲୋଡୁଥିଲା ଦାଉ
ବହୁ ଦିନ ସମ୍ଭାଳି ତା ନ ପାରିଲା ଆଉ ।

ତା' ଦୁଃଖର ସଙ୍ଗୀ ଥିଲେ ଯେଉଁ ପୁରଜନେ
ତାଙ୍କୁ ହେତୁ କରାଇଲା ମୋର ବିସର୍ଜନେ ।

ଅଯୋଧ୍ୟାରେ ସପତ୍ନୀର ଶକ୍ତି ଗରୀୟସୀ
ନ ପାରଇ ତାକୁ ପତି-ଶକ୍ତି ମହୀୟସୀ ।

କୈକେୟୀଙ୍କ ପରାକ୍ରମ ଫଳିବାର ଶେଷେ
ରାଜଲକ୍ଷ୍ମୀ ବଳ ଉଭା ହେଲା ସେହି ଦେଶେ ।

ପ୍ରକୃତି-ରଞ୍ଜନେ ଯେବେ ହୁଏ ପ୍ରୟୋଜନ,
କରିପାରେଁ ପ୍ରାଣସମା ସୀତା ବିସର୍ଜନ ।'

ଅଷ୍ଟବକ୍ର ମୁନି ଆଗେ ଯାହା ଭାଷିଥିଲ,
ସ୍ମରୁଥିବ ସେ ପ୍ରତିଜ୍ଞା ନ କରି ଶିଥିଳ ।

ପିତୃ-ବାକ୍ୟ-ପାଳନରେ ତୁମ୍ଭେ ଅବିମୁଖ,
ପତି-ବାକ୍ୟ ପାଳନରେ ନ ହେଲେ ମୋ ଦୁଃଖ ।

ତେବେ ସିନା ତୁମ୍ଭ ପତ୍ନୀ-ପଦର ଭାଜନ
ମୁଁ ହେବି, ଏ କଥା ନିଶ୍ଚେ ବୁଝିବ ମୋ ମନ ।

ପରଜା-ରଞ୍ଜନ-ବ୍ରତେ ଅଟ ତୁମ୍ଭେ ବ୍ରତୀ;
ମୁଁ ସହଧର୍ମିଣୀ ତୁମ୍ଭ ପଦାଙ୍କେ ମୋ ଗତି ।

ହେଉ ମୋର ନିର୍ବାସନ ପ୍ରକୃତିର ଦୋଷ
ପ୍ରଭୁଙ୍କର ବ୍ରତ ହେଉ ସମ୍ପୂର୍ଣ୍ଣ ନିର୍ଦୋଷ ।"

ସତୀଙ୍କ ରୋଦନେ ଗତି ସ୍ତମ୍ଭିଲା ବାତର
ଜଳ ସ୍ଥଳ ଘେନି ହେଲା ନିସର୍ଗ କାତର ।

ସ୍ତମ୍ଭିଗଲା ଜାହ୍ନବୀର ତରଙ୍ଗ ଆବଳୀ,
ବନ୍ଦ ହୋଇଗଲା ବନେ ବିହଙ୍ଗ-କାକଳି ।

ନ ହଲିଲା ପାଦପର ଗୋଟିଏ ପତର,
ନ ଚଳିଲା ଲୀଳା-ଶିଳା-ବଲ୍ଲୀ-କଳେବର ।

ଡାଳେ ଡାଳେ ବସି ପକ୍ଷୀ ପାତିଲେ ଶ୍ରବଣ
ତାଳେ ତାଳେ ପ୍ରାଣେ ଭରି ଶୋକ ପ୍ରସ୍ରବଣ ।

ମୃଗ-ଶିଶୁ ଜନନୀର ସ୍ତନ ମୁଖେ ଧରି
ନିଶ୍ଚଳେ ରହିଲା କ୍ଷୀର ଶୋଷଣ ନ କରି ।

ମୁଖ-ଦର୍ଭ ମୁଖେ ଧରି ମୃଗମୃଗୀମାନେ
ଗ୍ରୀବା ଭାଙ୍ଗି ରହିଗଲେ ଶୋକ-ଧ୍ୱନି-ଧ୍ୟାନେ ।

ମୟୂର-ମୟୂରୀଗଣ ଶାବକ ସହିତ
ଚିତ୍ରିତ-ପରାୟେ ହେଲେ ଚାପଲ୍ୟରହିତ ।

କରଭ କରିଣୀ କରୀ ହୋଇ ତିତ୍‌ଥ ପରି
ପଥେ ରହିଗଲେ ଗଙ୍ଗା ଗମନ ବିସ୍ମରି ।

– – –